# ପର୍ଯ୍ୟବେକ୍ଷକ

PARYABEKHYAK

Vol.27. No.168 Bhubaneswar Friday August 15 2025 | ୨୭ତମ ବର୍ଷ ସଂଖ୍ୟା-୧୬୮ ଭୁବନେଶ୍ୱର ଶୁକ୍ରବାର, ଅଗଷ୍ଟ ୧୫, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ | ₹1.50 | (Air Surcharge - 0.50P) | Member-INS


## ବାଦଲ ଫଟା ବର୍ଷ ପରେ ପ୍ରଳୟଙ୍କରୀ ବନ୍ୟା: ଗଲାଣି ୪୦ ଜୀବନ, ମାଟି ତଳୁ ଚାଲିଛି ଜୀବନ ଖୋଜା

ଭୁବନେଶ୍ୱର,୧୪।୮(ପି.ଏନ): ଜମ୍ମୁ-କଶ୍ମୀରର କିସ୍ତୱାର ଜିଲ୍ଲାରେ ଆଜି ପ୍ରକୃତି ରଚିଛି ତାଣ୍ଡବ। ପ୍ରକୃତିର ପ୍ରଳୟ ଆଗରେ ଛନିଛତ୍ର ହୋଇଯାଇଛି ଚଶୋତି ଗାଁ। ଏଠାରେ ବାଦଲ ଫଟା ବର୍ଷା ପରେ ଆସିଥିବା ଅଚାନକ ବନ୍ୟା ସବୁ କିଛି ଧ୍ୱଂସ କରି ଦେଇଛି। ମୁହୂର୍ତ୍ତ ମଧ୍ୟରେ ସବୁ କିଛି ଭସାଇ ନେଇଛି। ମାଟି ମିଶା ପାଣିର ସ୍ରୋତରେ ଭାସି ଯାଇଛି ଅନେକ ଜୀବନ। ଅନେକ ଏବେ ବି ମାଟି ଓ କାଦୁଅ ତଳେ ଫସି ରହିଛନ୍ତି। ବର୍ତ୍ତମାନ ସୁଦ୍ଧା ପ୍ରକୃତିରେ ପ୍ରଳୟ ଯୋଗୁ ୪୦ ଜଣଙ୍କ ଜୀବନ ଯାଇଛି। ଏମାନଙ୍କ ମଧ୍ୟରେ ୨ ଜଣ ସିଆଇଏସଏଫ ଯବାନ ରହିଛନ୍ତି। ସେହିପରି ୧୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ସେମାନଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉଦ୍ଧାର ହୋଇଥିବା ଲୋକଙ୍କ ମଧ୍ୟରୁ ପ୍ରାୟ ୩୦ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସେହିପରି ଏବେ ବି ୨୦୦ରୁ ଅଧିକ ଲୋକ ନିଖୋଜ ରହିଛନ୍ତି। ସେମାନଙ୍କୁ ଉଦ୍ଧାର କରିବାକୁ ପ୍ରୟାସ ଚାଲିଛି। ନିଖୋଜଙ୍କ ମଧ୍ୟରେ ଅଧିକାଂଶ ଶ୍ରଦ୍ଧାଳୁ ବା ପର୍ଯ୍ୟଟକ ଥିବା କୁହାଯାଉଛି।



### ଶୁଭେଚ୍ଛା ବର୍ତ୍ତା

୭୯ତମ ସ୍ୱାଧୀନତା ଦିବସ ଅବସରରେ ଆମର ପାଠକ, ପାଠିକା, ବିଜ୍ଞାପନଦାତା, ବିତରକ ତଥା ଶୁଭେଚ୍ଛୁମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

- ସମ୍ପାଦକ

### ଛୁଟି ଘୋଷଣା

୭୯ତମ ସ୍ୱାଧୀନତା ଦିବସ ଉପଲକ୍ଷେ 'ପର୍ଯ୍ୟବେକ୍ଷକ' କାର୍ଯ୍ୟାଳୟ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତି ସଂସ୍କରଣ ଆସନ୍ତା ୧୭ ତାରିଖ ଦିନ ପ୍ରକାଶ ପାଇବ

- ପ୍ରକାଶକ

## କାହିଁକି ଭୋଟର ତାଲିକାରୁ ବାଦ ପଡିଲା ୬୫ ଲକ୍ଷ ନାଁ ? କାରଣ କହିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୪।୮(ପି.ଏନ): ନିର୍ବାଚନ କମିଶନକୁ କଡା ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ବିହାରରେ ଚାଲିଥିବା ଭୋଟର ତାଲିକା ସଂଶୋଧନ ସର୍ଭେ ? ବା ଏସଆଇଆର ବେଳେ ନିର୍ବାଚନ କମିଶନ ୬୫ ଲକ୍ଷ ଭୋଟରଙ୍କ ନାଁ କାଟି ଦେଇଛନ୍ତି। କିନ୍ତୁ ୬୫ ଲକ୍ଷ ନାଁ କାହିଁକି ଭୋଟର ତାଲିକାରୁ ବାଦ ପଡିଲା, ତା'ର ଉପଯୁକ୍ତ କାରଣ ଦର୍ଶାଇବାକୁ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ଆସନ୍ତା ମଙ୍ଗଳବାର ସୁଦ୍ଧା ଭୋଟର ତାଲିକାରୁ ବାଦ ପଡିଥିଲା ଲୋକଙ୍କ ନାଁ ସହ ଏହାର କାରଣ ନିର୍ବାଚନ କମିଶନ ୱେବସାଇଟରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିବେ। ସେହିପରି ତାଲିକାର ପ୍ରଚାର ପ୍ରସାର କରିବାକୁ କୋର୍ଟ ପରାମର୍ଶ ଦେଇଛନ୍ତି। ଏହାଦ୍ୱାରା ପ୍ରତିଟି ଭୋଟର ଏହାକୁ ଜାଣିବାକୁ ସକ୍ଷମ ହେବ। ଯେଉଁମାନଙ୍କ ନାଁ ଭୁଲବଶତଃ ଭୋଟର ତାଲିକାରୁ ହଟି ଯାଇଛି ସେମାନେ ନିଜର ଆଧାର କାର୍ଡ ସହ ଆବେଦନ ପତ୍ର ଦାଖଲ କରିପାରିବେ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି।କୋର୍ଟଙ୍କ ଆଧାର କାର୍ଡ ନିର୍ଦ୍ଦେଶର ବେଶ ଗୁରୁତ୍ୱ ରହିଛି।

## ରଥଯାତ୍ରା ପରିଚାଳନା: ଆସିବ ବିସ୍ତୃତ ଗାଇଡଲାଇନ୍ ?, ୧୯ରେ ବୈଠକ, ଚାପିଦେଲେ କି ଅନୁ ଗର୍ଗ ରିପୋର୍ଟ




ଭୁବନେଶ୍ୱର,୧୪।୮(ପି.ଏନ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୁରୀ ରଥଯାତ୍ରାରେ ବାରମ୍ବାର ଅଘଟଣ ପରେ ରାଜ୍ୟ ସରକାରଙ୍କ ଚେତା ପଶିଛି । ରଥଯାତ୍ରା ଓ ବାହୁଡା ଯାତ୍ରାର ସୁପରିଚାଳନା ନିମନ୍ତେ ଏକ ବିସ୍ତୃତ ଗାଇଡଲାଇନ(ମାର୍ଗଦର୍ଶିକା) ଆଣିବାକୁ ଯାଉଛନ୍ତି ରାଜ୍ୟ ସରକାର । ଏଥିପାଇଁ ଆସନ୍ତା ୧୯ତାରିଖରେ ପ୍ରଥମ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି । ମାତ୍ର ଚଳିତବର୍ଷ ରଥଯାତ୍ରାରେ ବ୍ୟାପକ ଅବ୍ୟବସ୍ଥା ଯୋଗୁ ଦଳାଚକଟାରେ ୩ଜଣ ପ୍ରାଣ ହରାଇବା ଓ ୭୦୦ରୁ ଅଧିକ ଲୋକ ଆହତ ହେବା ଘଟଣାରେ କାହାରି ବିରୁଦ୍ଧରେ ସରକାର କାର୍ଯ୍ୟାନୁଷ୍ଠାନ ନେବାରେ ସକ୍ଷମ ହୋଇପାରିନାହାନ୍ତି । ଯଦିଓ ଅନୁ ଗର୍ଗ କମିଟି ନିଜର ତଦନ୍ତ ଶେଷ କରି ୧୫ଦିନ ହେଲା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କର ରିପୋର୍ଟ ପ୍ରଦାନ କରିସାରିଛନ୍ତି । ସରକାର ଗୋଟିଏପଟେ ରଥଯାତ୍ରାର ସୁପରିଚାଳନା ନିମନ୍ତେ ପ୍ରାୟ ୧୦ମାସ ପୂର୍ବରୁ ମାଗଦର୍ଶିକା ଆଣିବାକୁ କସରତ ଆରମ୍ଭ କରିଥିବାବେଳେ ଯେଉଁମାନଙ୍କ ତ୍ରୁଟି ଯୋଗୁ ଶ୍ରଦ୍ଧାଳୁ ପ୍ରାଣ ହରାଇଲେ ଓ ସରକାରଙ୍କୁ ବଦନାମ ହେବାକୁ ପଡିଲା ସେମାନଙ୍କୁ କିଏ ଓ କାହିଁକି ସୁରକ୍ଷା ଦେଉଛି ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପାଇଁ ବିସ୍ତୃତ ମାର୍ଗଦର୍ଶିକା

ବିଶ୍ୱପ୍ରସିଦ୍ଧ ପୁରୀ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଓ ବାହୁଡା ଯାତ୍ରାର ସୁପରିଚାଳନା ନିମନ୍ତେ ରାଜ୍ୟ ସରକାର ବିସ୍ତୃତ ମାର୍ଗଦର୍ଶିକା ଆଣିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ମାର୍ଗଦର୍ଶିକାକୁ ଅନୁସରଣ କରି ରଥଯାତ୍ରା ସମ୍ପାଦନ କରାଯିବ । ତେବେ ମାର୍ଗଦର୍ଶିକାରେ କେଉଁସବୁ ଦିଗ ସ୍ଥାନ ପାଇବ ସେନେଇ ଆସନ୍ତା ୧୯ତାରିଖରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି । ଏହି ବୈଠକରେ ଗୃହ ସଚିବ ସତ୍ୟବ୍ରତ ସାହୁ, ପୁଲିସ ଡିଜି ୱାଇବି ଖୁରାନିଆ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପା ?ୀ, ନଗର ଉନ୍ନୟନ ସଚିବ ଉଷା ପା ?ୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ଏସ୍ ?.ଅଶ୍ୱଥିଙ୍କ ସମେତ ପୁରୀ ଜିଲ୍ଲାପାଳ ଓ ଏସପି ଯୋଗଦେବେ । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଆଧାରରେ ମୁଖ୍ୟ ସଚିବ ମନୋଜ ଆହୁଜା ଏହି ବୈଠକ ଡାକିଥିବା ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ମିଳିଛି । ସବୁ ଷ୍ଟେକହୋଲଡରଙ୍କ ସହ ବିଚାରବିମର୍ଶ କରି ରାଜ୍ୟ ସରକାର ରଥଯାତ୍ରା ଓ ବାହୁଡା ଯାତ୍ରାର ସୁପରିଚାଳନା ପାଇଁ ମାର୍ଗଦର୍ଶିକା ଆଣିବେ । ଯେଉଁଥିରେ ନିର୍‌ଦ୍ଦିଷ୍ଟସ୍ତରରେ ତ୍ରୁଟି କରୁଥିବା ବ୍ୟକ୍ତିବିଶେଷଙ୍କୁ ଉତ୍ତରଦାୟୀ କରାଯିବା ସହ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାର ପ୍ରାବଧାନ ଥିବା ଜଣାପଡିଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପାଇଁ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ମାର୍ଗଦର୍ଶିକା ପ୍ରସ୍ତୁତ ହୋଇନାହିଁ । ରଥଯାତ୍ରାର ଅବ୍ୟବହିତ ପୂର୍ବରୁ ରାଜ୍ୟ ସରକାର, ମନ୍ଦିର ପ୍ରଶାସନ, ପୁଲିସ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ମିଳିତ ଭାବେ ସମନ୍ୱୟ ରକ୍ଷା କରି ମହାପ୍ରଭୁଙ୍କ ରଥଯାତ୍ରା ଓ ବାହୁଡା ଯାତ୍ରାକୁ ସଫଳତାର ସହ ସମ୍ପନ୍ନ କରିବା ଉପରେ ଗୁରୁତ୍ୱ ଦେଇଥାନ୍ତି ।

### ମାର୍ଗଦର୍ଶିକାର ସମ୍ଭାବ୍ୟ ଦିଗ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ସୁପରିଚାଳନା ନିମନ୍ତେ ଯେଉଁ ମାର୍ଗଦର୍ଶିକା ରାଜ୍ୟ ସରକାର ଆଣିବା ପାଇଁ ଯୋଜନା କରୁଛନ୍ତି ସେଥିରେ ପ୍ରତ୍ୟେକଙ୍କର ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ ହେବ । ଭବିଷ୍ୟତରେ କୌଣସି ଅଘଟଣ ହେଲେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ସହଜ ହୋଇପାରିବ । ସେହିପରି ରଥଯାତ୍ରାବେଳେ ଶ୍ରୀମନ୍ଦିରର ନୀତିକାନ୍ତି ଯେଭଳି ସୁରୁଖୁରୁରେ ସମ୍ପାଦିତ ହେବ ତା'ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ ।







୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ଖେଳ ପର୍ଯ୍ୟବେକ୍ଷକ

Bhubaneswar Friday August 15 | ଭୁବନେଶ୍ୱର ଶୁକ୍ରବାର, ୧୫, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



## ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ 'ନିଶା ମୁକ୍ତ ଭାରତ ଅଭିଯାନ' ଓ ଆଲୋଚନାଚକ୍ର ଆୟୋଜିତ



ପାରାଦୀପ,(ପି.ଏନ): ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟର ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ଦେଶବ୍ୟାପୀ 'ନିଶା ମୁକ୍ତ ଭାରତ ଅଭିଯାନ' ର ଅଂଶ ଭାବରେ ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ପକ୍ଷରୁ ବୁଧବାର ଦିନ ଏକ ସ୍ୱତନ୍ତ୍ର ସପଥ ସମାରୋହ ଏବଂ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ପ୍ରଶାସନିକ ଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ନିଶା ସେବନର ବିପଦ ବିଷୟରେ ସଚେତନତା ବୃଦ୍ଧି କରିବା ଏବଂ କର୍ମଚାରୀ, ଅଂଶୀଦାର ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ଏକ ସୁସ୍ଥ, ନିଶାମୁକ୍ତ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା। ଏହି କାର୍ଯ୍ୟକ୍ରମ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଦଙ୍କ ଦ୍ୱାରା ପରିଚାଳିତ ଏକ ଗମ୍ଭୀର ସପଥପାଠ ସହିତ ଆରମ୍ଭ ହୋଇଥିଲା, ଯେଉଁଠାରେ ସମସ୍ତ ଅଂଶଗ୍ରହଣକାରୀ ସମସ୍ତ ପ୍ରକାରର ନିଶା ସେବନରୁ ଦୂରରେ ରହିବା ଏବଂ ସେମାନଙ୍କ ପରିବାର ଏବଂ ସମାଜକୁ ନିଶା ମୁକ୍ତ କରିବା ପାଇଁ କାର୍ଯ୍ୟ କରିବାକୁ ଶପଥ ନେଇଥିଲେ। ଏହି ସାମାଜିକ ବିପଦର ମୁକାବିଲା ପାଇଁ ବ୍ୟକ୍ତିଗତ ପ୍ରତିବଦ୍ଧତାର ଗୁରୁତ୍ୱ ଉପରେ ଏହି ପ୍ରତିଜ୍ଞାରେ ଗୁରୁତ୍ୱ ଦିଆଯାଇଥିଲା।ପାରାଦୀପ ବନ୍ଦର ପ୍ରାଧିକରଣ ର ସମାଜ କଲ୍ୟାଣ ଶାଖା, ପାରାଦୀପ ସାକ୍ଷରତା ସମିତି , ବିଭିନ୍ନ ମହିଳା ସମିତି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ତ ସଦସ୍ୟଙ୍କୁ ପ୍ରେରଣା ଏବଂ ସଚେତନତା ସୃଷ୍ଟି କରିବା ପାଇଁ ନାଶା ମୁକ୍ତ ଭାରତ ଅଭିଯାନର ୫ମ ବାର୍ଷିକୀ ଉପରେ ଆଲୋଚନା, ସଚେତନତା ସୃଷ୍ଟି ଏବଂ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ସାକ୍ଷରତା ସମିତିର ସମ୍ପାଦକ ରାମ ଚନ୍ଦ୍ର ପ୍ରଧାନ ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ। ବନ୍ଦର ହସ୍ପିଟାଲର ବରିଷ୍ଠ ଚିକିତ୍ସା ଅଧିକାରୀ ଡା. ରୁନୁ ସିଂହ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଶ୍ରୀମତୀ ପ୍ରୀତି ଆରତୀ ପରିଜା, ଶ୍ରୀମତୀ ରଶ୍ମି ଆଚାର୍ଯ୍ୟ ଏବଂ ଶ୍ରୀମତୀ ପ୍ରେମଲତା ବାରିକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅତିଥିମାନେ ନିଶା ସେବନର କ୍ଷତିକାରକ ପ୍ରଭାବ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ, ଏହା କିପରି ଆମର ସାମଗ୍ରିକ ସ୍ୱାସ୍ଥ୍ୟ, ସାମାଜିକ ଏବଂ ଆର୍ଥିକ ପରିସ୍ଥିତିକୁ ପ୍ରଭାବିତ କରେ ତାହା ଉପରେ ଆଲୋକପାତ କରିଥିଲେ। ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା, ଉପଯୁକ୍ତ ଚିକିତ୍ସା ଏବଂ ପୁନର୍ବାସ ପ୍ରଦାନ କରିବା ଏବଂ ନିଶା ଚୋରାଚାଲାଣକାରୀ ଏବଂ ପ୍ରଦାନକାରୀଙ୍କ ବିରୁଦ୍ଧରେ ଦୃଢ଼ ଆଇନ କାର୍ଯ୍ୟକାରୀ କରିବା,ଦେଶରେ ନିଶା ସେବନ ବନ୍ଦ କରିବା ପାଇଁ ପ୍ରମୁଖ ପଦକ୍ଷେପ ଗ୍ରହଣ ଉପରେ ଅତିଥି ମାନେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମକୁ ସାକ୍ଷରତା ସମିତିର ପ୍ରକଳ୍ପ ସଂଯୋଜକ ଅଶୋକ ମହାପାତ୍ର ସଂଯୋଜନା କରିଥିଲେ। ବିଭିନ୍ନ ମହିଳା ସଂଗଠନର ବହୁ ସଂଖ୍ୟକ ମହିଳା ଏଥିରେ ଅଂଶଗ୍ରହଣ ଅଂଶଗ୍ରହଣ କରିଥିଲେ।







## ସାମ୍ବାଦିକ କଲ୍ୟାଣ ପାଇଁ ଓଜେୟୁ ପାରାଦୀପ ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ



ପାରାଦୀପ,(ପି.ଏନ): ଓଡିଶା ସାମ୍ବାଦିକ ସଙ୍ଘ (ଓଜେୟୁ) ପାରାଦୀପ ଶାଖା ପକ୍ଷରୁ ସଭାପତି କର୍ମେଶ୍ୱର ସ୍ୱାଇଁ ଙ୍କ ନେତୃତ୍ୱରେ ସାମ୍ବାଦିକଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟ ରେ ପାରାଦୀପ ଏଡିଏମ ଙ୍କୁ ବୁଧବାର ଦିନ ଏକ ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି।ଗଣତାନ୍ତ୍ରିକ ରାଷ୍ଟ୍ରରେ ମୁଦ୍ରିତ, ବୈଦ୍ୟୁତିକ ଓ ସାମାଜିକ ଗଣମାଧ୍ୟମ ଗୁଡିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି।ତେଣୁ ଅନ୍ୟ ରାଜ୍ୟ ଭଳି ଓଡିଶା ର ସାମ୍ବାଦିକ ମାନଙ୍କ କେତେକ ମୁଖ୍ୟ ସମସ୍ୟା ସମାଧାନ କରିବା ଦିଗରେ ରାଜ୍ୟ ସରକାର ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଓଡ଼ିଶାରେ ସାମ୍ବାଦିକ ମାନଙ୍କ କଲ୍ୟାଣ ପାଇଁ ଗଣମାଧ୍ୟମ ପ୍ରତିନିଧି ମାନେ ଯେଉଁ ଯେଉଁ ଦାବି ଗୁଡିକ ଉପସ୍ଥାପନ କରୁଛନ୍ତି ସେହି ଦାବି ଗୁଡିକ ସମାଧାନ କରିବା ନେଇ ସରକାର ପଦକ୍ଷେପ ନେବା ଆବଶ୍ୟକ। ରାଜ୍ୟରେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା, ସାମ୍ବାଦିକ ଙ୍କୁ ୬୦ ବର୍ଷ ପରେ ପେନସନ ଲାଗୁ କରିବା, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମ୍ବାଦିକଙ୍କ ବାପ ମା ଙ୍କୁ ସାମିଲ କରିବା, ସ୍ୱାସ୍ଥ୍ୟ ବୀମା ରାଶି ୫ ଲକ୍ଷ ରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ଓ ସାମ୍ବାଦିକ ଙ୍କୁ ସରକାରୀ ବସ ରେ ମାଗଣା ଯାତାୟାତ ବ୍ୟବସ୍ଥା କରିବାକୁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କୁ ଅନୁରୋଧ କରାଯାଇଛି। ତେବେ ବର୍ତ୍ତମାନ ରାଜ୍ୟ ସରକାର ଗଣମାଧ୍ୟମ ପ୍ରତିନିଧି ମାନଙ୍କ ସମସ୍ୟା ଉପରେ ଗୁରୁତ୍ୱ ଦେଉଥିବା ଓ ସେମାନଙ୍କୁ ସୁରକ୍ଷା ଦିଗରେ ଅଧିକ ଚିନ୍ତା କରିଥିବା କହିବା ସହିତ ସୁରକ୍ଷା ଦିଗରେ ତୁରନ୍ତ ପଦକ୍ଷେପ ନିଆଯାଉଥିବା ଅତିରିକ୍ତ ଜିଲ୍ଲାପାଳ (ଏଡିଏମ) ନିରଞ୍ଜନ ବେହେରା କହିଥିଲେ। ଏହା ସହିତ ପାରାଦୀପ ରେ ସାଧାରଣ ଲୋକଙ୍କ ସମସ୍ୟା ସହିତ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ର ବିଭିନ୍ନ ସମସ୍ୟା ଓ ତାର ସମାଧାନ ସମ୍ପର୍କରେ ଏଡିଏମ ଙ୍କ ସହିତ କିଛି ସମୟ ଆଲୋଚନା ହୋଇଥିଲା। ବନ୍ଦର ସହର ପାରାଦୀପ ରେ ସାମ୍ବାଦିକ ମାନଙ୍କ କଲ୍ୟାଣ ପାଇଁ ଜିଲ୍ଲା ପ୍ରଶାସନ ଓ ବନ୍ଦର ପ୍ରଶାସନ ପକ୍ଷରୁ କଣ ସବୁ ଅଧିକ ସହାୟତା ଯୋଗାଇ ଦିଆଯାଇ ପାରିବ ସେ ସମ୍ପର୍କରେ ମଧ୍ୟ ଏଡିଏମ ଙ୍କ ସହିତ ଆଲୋଚନା ହୋଇଥିଲା। ସମସ୍ତ ସାମ୍ବାଦିକ ଙ୍କୁ ବନ୍ଦର ସହରରେ ଘର ଯୋଗାଇ ଦେବାକୁ ସାମ୍ବାଦିକ ମାନେ ଦାବି ଉପସ୍ଥାପନ କରିଥିଲେ।

## ବାଲିଅନ୍ତା ବ୍ଲକରେ ଗାଁ ସାଥିମାନଙ୍କ ବିଭିନ୍ନ ସମସ୍ୟା ନେଇ ବିଡ଼ିଓଙ୍କୁ ଭେଟିଲେ ଗାଁ ସାଥି କର୍ମ କର୍ତ୍ତା

ବାଲିଅନ୍ତା ,(ପି.ଏନ): ଗୁରୁବାର ମଧ୍ୟାହ୍ନ ସମୟରେ ବାଲିଅନ୍ତା ବ୍ଲକରେ ବିଭିନ୍ନ ପଂଚାୟତର ରାଜସ୍ୱ ଗାଁର ଗାଁ ସାଥି ୨୦୦୮ ମସିହାରୁ ନୀରବ ଚ୍ଛିନ୍ନ ଭାବରେ ଗ୍ରାମାଞ୍ଚଳର ଜବ କାର୍ଡ ହିତାଧିକାରୀଙ୍କୁ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାର୍ଯ୍ୟ କରାଇ ଆସୁଛନ୍ତି । ପୂର୍ବ ସରକାର ସେମାନଙ୍କୁ ସରକାରୀ ଚାକିରୀର ସମସ୍ତ ସର୍ତ୍ତବଳୀ, ବୟସ ସୀମା ଓ ସର୍ବାଧିକ ଶିକ୍ଷାଗତ ଯୋଗ୍ୟତା ଆଧାରରେ ମନୋନୟନ କରାଯାଇଥିଲା । କିନ୍ତୁ ଏଯାବତ୍ ସେମାନଙ୍କ ଲାଗି କୌଣସି ସରକାରୀ ସୁବିଧା ସୁଯୋଗ କରାଯାଇନାହିଁ । ଚଳିତ ମାସ ସରକାରଙ୍କ ପକ୍ଷରୁ ସମଗ୍ର ଓଡ଼ିଶାର ଗାଁ ସାଥିମାନଙ୍କ ଡାଟା ବେସ ଲାଗି ପଂଚାୟତିରାଜ ବିଭାଗ ତରଫରୁ ବ୍ଲକକୁ ତାଲିକା ମଗାଯାଇଥିଲା । ସେହି ତାଲିକାକୁ ବ୍ଲକ ପ୍ରଶାସନ ପକ୍ଷରୁ ସରକାରଙ୍କୁ ଦେବା ଓ ଗାଁ ସାଥିମାନଙ୍କ କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇଁ ପୁନଃ ପ୍ରଶିକ୍ଷଣ ବ୍ୟବସ୍ଥା ପ୍ରସଙ୍ଗରେ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ରଶ୍ମିତା ନାଥଙ୍କ ସହିତ ଜୟଦେବ ଗାଁ ସାଥି ସଂଘର ସମ୍ପାଦକ ଦୀନବନ୍ଧୁ ଭୋଇଙ୍କ ନେତୃତ୍ୱରେ ଏକ ଟିମ୍ ସାକ୍ଷାତ କରି ଫୁଲ ତୋଡା ଓ ଦାବିପତ୍ର ପ୍ରଦାନକରି ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଧତ୍ତୁ ସେଠୀ, ଅଜୟ କୁମାର ଭୋଇ, ଶତ୍ରୁଘନ ସାହୁ, ଦେବେନ୍ଦ୍ରନାଥ ସାହୁ, ସାଗର ପଲେଇ ଓ ରବୀନ୍ଦ୍ର କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray